## ସଂକ୍ଷେପରେ

### ଓଟିପି ପୂର୍ବରୁ ସ୍ଲଟ୍ ଶେଷ

**ଅନୁଗୋଳ ଅଫିସ, ୭।୬:** ଅନୁଗୋଳ ଜିଲାରେ ଯୁବଗୋଷ୍ଠୀଙ୍କୁ ଟିକା ପ୍ରଦାନ ପାଇଁ ଦୁଇ ଦିନ ହେଲା ସ୍ଲଟ୍ ବୁକିଂ କରାଯାଉଛି। ପ୍ରଥମ ଦିନରେ ୧୦ ମିନିଟ୍‌ରେ ୧୫ଶହ ସ୍ଲଟ୍ ଶେଷ ହୋଇଯାଇଥିଲା। ସେହିଭଳି ମଙ୍ଗଳବାର ଟିକାକରଣ ପାଇଁ ଅନୁଗୋଳ ଜିଲାରେ ସ୍ଲଟ୍ ବୁକ୍ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୬ଟାରେ ସମୟ ପ୍ରଦାନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟ ମୁତାବକ ସ୍ଲଟ୍ ଖୋଲିଥିଲା। କିନ୍ତୁ ଦେଢ଼ ମିନିଟ୍ ମଧ୍ୟରେ ୧୫ଶହ ବୁକିଂ ହୋଇଯାଇଥିବା ଜଣାପଡ଼ିଥିଲା। ଫଳରେ ଦିନଯାକ ଅନାଇ ବସିଥିବା ବହୁ ଯୁବତୀ ଯୁବକ ବୁକିଂ କରି ନ ପାରି ହତାଶ ହୋଇଛନ୍ତି। ସ୍ଲଟ୍ କିଭଳି ଏତେ ଶୀଘ୍ର ଶେଷ ହେଉଛି ତାହା ସେମାନେ ଜାଣି ପାରୁନାହାନ୍ତି। ମୋବାଇଲକୁ ଓଟିପି ଆସିବା ପୂର୍ବରୁ ସ୍ଲଟ୍ ସରିଯାଉଥିବା ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି, ଯୁବବର୍ଗ ହିଁ ବୁକିଂ କରୁଛନ୍ତି। ତେଣୁ ଟିକା ଯେତିକି ରହୁଛି ସେହି ଅନୁଯାୟୀ ସ୍ଲଟ୍ ରଖାଯାଉଛି। କୌଣସି ଲୋକ ଟିକା ପାଇବାରୁ ଯେଭଳି ଭାବେ ବଞ୍ଚିତ ନ ହେବେ ସେଥିପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

### ଅନୁଗୋଳରେ ୪୧୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୭।୬:** ଅନୁଗୋଳ ଜିଲାରୁ ସୋମବାର ୪୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୩୬ ହଜାର ୬୨୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟରପାଳ ବ୍ଲକରୁ ସର୍ବାଧିକ ୮୩ ଜଣ ରହିଥିବାବେଳେ ଅନୁଗୋଳ ବ୍ଲକରୁ ୬୬, ଛେଣ୍ଡିପଦା ବ୍ଲକରୁ ୫୫, ତାଳଚେର ବ୍ଲକରୁ ୪୩, କିଶୋରନଗର ବ୍ଲକରୁ ୩୭, କଣିହାଁ ବ୍ଲକରୁ ୩୩, ଅନୁଗୋଳ ପୌରାଞ୍ଚଳରୁ ୨୭, ଆଠମଲ୍ଲିକ ବ୍ଲକରୁ ୨୬, ତାଳଚେର ପୌରାଞ୍ଚଳରୁ ୧୭, ପାଲଲହଡ଼ା ବ୍ଲକରୁ ୧୫ ଓ ଆଠମଲ୍ଲିକ ଏନ୍‌ଏସିରୁ ୧୩ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ସଂକ୍ରମିତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୧୧୮ ଜଣଙ୍କୁ ତାଳଚେରରେ ସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୮୦୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ଜିଲାରେ ପୁଣି କରୋନାରେ ୩ ଜଣଙ୍କ ମୃତ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୧୩୨ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବଜ୍ରପାତରେ ଜଣେ ମୃତ

**ମାଧପୁର,୭।୬:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଟସରବେଡା ଗ୍ରାମରେ ସୋମବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଅଞ୍ଜନ ମହାଖୁଡ (୩୦)। ଅଞ୍ଜନ ଜମିରେ ଟ୍ରାକ୍ଟର ଯୋଗେ ଚାଷ କରୁଥିବା ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୭।୬(ଡି.ଏନ.ଏ.):** ପ୍ରଶାସନର ଚଢ଼ାଉ ବେଳେ ଫଟୋ ଉଠାଇବାକୁ କେନ୍ଦ୍ରକରି କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ନରେଶ କୁମାର ସାହୁଙ୍କୁ ବଇସିଣା ଗ୍ରାମର ଅଭିନାଶ ସାହୁ ସୋମବାର ମାଡ଼ ମାରିବା ସହ ମୋବାଇଲ ଭାଙ୍ଗି ଦେଇଥିବା ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅଭିଯୁକ୍ତ ଅଭିନାଶ ବଇଣ୍ଡା ଛକରେ ଦୋକାନ ଦେଇଛନ୍ତି। କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କ ଦୋକାନ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉଥିଲା। ଏହି ସମୟରେ ସେଠାରେ ଥିବା ନରେଶ ତାଙ୍କ ମୋବାଇଲରେ ଚଢ଼ାଉ ବେଳର ଫଟୋ ଉଠାଉଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିନାଶ ନରେଶଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଉତ୍ସବ ପରି ଉତ୍ସାହ

**ଅନୁଗୋଳ/ ଢେଙ୍କାନାଳ ଅଫିସ, ୭।୬**

- ଟିକାକରଣ ନେଇ ଢେଙ୍କାନାଳ, ଅନୁଗୋଳର ଯୁବବର୍ଗ ଆନନ୍ଦିତ
- ସୋସିଆଲ ମିଡିଆରେ ଛାଇଗଲା ଭାକ୍ସିନେଶନ ଫଟୋ
- ସରକାର ଓ ଜିଲା ପ୍ରଶାସନଙ୍କୁ ଜଣାଇଲେ ସାଧୁବାଦ



ଅନୁଗୋଳ ଷ୍ଟାଡିୟମଠାରେ ଜଣେ ଯୁବତୀଙ୍କୁ ଟିକା ଦିଆଯାଉଛି।

ମହାମାରୀ କରୋନାରୁ ଟିକା ହିଁ ସୁରକ୍ଷା ଦେଇପାରିବ। ଲୋକଙ୍କ ମନରେ ଏହି ବିଶ୍ୱାସ ଭରିବାରେ ସରକାର ସଫଳ ହୋଇଛନ୍ତି। ବିଶେଷଜ୍ଞମାନଙ୍କ ବିଶ୍ଳେଷଣ ମଧ୍ୟ ଏହି ବିଶ୍ୱସନୀୟତାକୁ ସ୍ପଷ୍ଟ କରୁଛି। ସେଥିପାଇଁ ଟିକାକୁ ନେଇ ସବୁଠି ବ୍ୟାକୁଳତା ବଢ଼ି ବଢ଼ି ଚାଲିଛି। ଟିକାଦାନ କେନ୍ଦ୍ରଗୁଡ଼ିକରେ ରାତିରୁ ଲମ୍ବା ଧାଡ଼ି ଲାଗୁଛି। ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ଏହି ସୁରକ୍ଷା କବଚ ଧାରଣ କରିବାକୁ ଏବେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଢେଙ୍କାନାଳ ଓ ଅନୁଗୋଳ ଜିଲା ସଦର ମହକୁମାରେ ସୋମବାରଠାରୁ ଯୁବବର୍ଗଙ୍କ ଟିକାକରଣ ଆରମ୍ଭ ହୋଇଥିବାରୁ ସ୍ଲଟ ବୁକିଂ କରିଥିବା ଯୁବତୀ ଯୁବକଙ୍କ ମଧ୍ୟରେ ଉତ୍ସବ ପରି ଉତ୍ସାହ ଦେଖାଦେଇଛି। ପ୍ରଥମ ଦିନରେ ଟିକା ନେବାର ସୁଯୋଗ ପାଇଥିବା ଯୁବବର୍ଗ ଭାକ୍ସିନେଶନ ବେଳର ଫଟୋ ସୋସିଆଲ ମିଡିଆରେ ଛାଡ଼ିବା ସହ ଜିଲା ପ୍ରଶାସନ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

ଅନୁଗୋଳ ଷ୍ଟାଡିୟମରେ ଦୁଇଟି ପର୍ଯ୍ୟାୟରେ ଯୁବବର୍ଗଙ୍କ ଟିକାକରଣ କରାଯାଉଛି। ସୋମବାର ପ୍ରଥମ ଦିନରେ ୧୮ରୁ ୪୪ ବର୍ଷ ମଧ୍ୟରେ ମୋଟ୍ ୧୫ଶହ ଲୋକଙ୍କୁ ଟିକା ଦିଆଯାଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ ସ୍ଲଟ୍ ବୁକିଂ କରିଥିବା ୯ଶହ ଯୁବତୀ ଯୁବକ ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅବଶିଷ୍ଟ ୬ଶହ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଏଥିପାଇଁ ମୋଟ୍ ୮ଟି କାଉଣ୍ଟର କରାଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ବେଳେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ପିଡି ଦିଲୀପ ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଢେଙ୍କାନାଳ ଜିଲା ସଦର ମହକୁମାରେ ଯୁବବର୍ଗଙ୍କ ଟିକାଦାନ ପାଇଁ ପୌରାଞ୍ଚଳରେ ୧୦ଟି କେନ୍ଦ୍ର କରାଯାଇଛି। ପୂର୍ବାହ୍ନ ୯ଟାରେ ଗୋପବନ୍ଧୁ ଟାଉନହଲ ଠାରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବବର୍ଗଙ୍କ ପାଇଁ ୬ ହଜାର ଡୋଜ୍ ମିଳିଥିବାରୁ ଦୈନିକ ୨ହଜାର ଲେଖାଏ ଡୋଜ୍ ପ୍ରଦାନ କରାଯିବା ଯୋଜନା ରହିଛି। ପ୍ରଥମ ଦିନରେ ୧୮୭୦ ଜଣଙ୍କୁ ଟିକା ଦିଆଯାଇଛି। ସ୍ଲଟ୍ ବୁକିଂ କରିଥିବା ୧୮ରୁ ୪୪ ବର୍ଷର ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ କାଠଗଡା ଅର୍ବାନ ମେଡିକାଲ, ବିବି ହାଇସ୍କୁଲ, ଗୁଡିଆନାଳି କଲ୍ୟାଣ ମଣ୍ଡପ, ଷ୍ଟେଶନ ବଜାର ରାମଦେବ ରାମଜୀ ପ୍ରାଥମିକ ସ୍କୁଲ, ସୌଦାମିନୀ ହାଇସ୍କୁଲ, ବନମାଳୀପ୍ରସାଦ ଉପ୍ରା ସ୍କୁଲ, କୋରିଆଁ ଉପ୍ରା ବିଦ୍ୟାଳୟ, ସିମିଳିଆ ପ୍ରାଥମିକ ସ୍କୁଲ ଓ ଗୋପବନ୍ଧୁ ଟାଉନହଲଠାରେ ଟିକା ନେଇପାରିବେ।

### ଅପେକ୍ଷାର ଅନ୍ତ ଘଟିଛି

ଟିକା ପାଇଁ ଦୀର୍ଘ ଦିନ ହେବ ଅପେକ୍ଷା କରିଥିଲୁ। କେବେ ଜିଲାରେ ଯୁବବର୍ଗଙ୍କୁ ଟିକାକରଣରେ ସାମିଲ କରାଯିବ, ତାହାକୁ ଚାହିଁ ରହିଥିଲୁ। ଟିକା ନେବା ପରେ ବହୁତ ଖୁସି ଲାଗୁଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଭଲ ବ୍ୟବସ୍ଥା କରାଯାଇଛି। ଟିକା ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସାଧୁବାଦ୍।



-ଅନୁରାଧା ଶର୍ମା, ଅନୁଗୋଳ

### ଟିକାଦାନ କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା

ଅନୁଗୋଳରେ ଯୁବବର୍ଗଙ୍କ ଟିକାକରଣରେ ବିଳମ୍ବ ହେଉଥିବାରୁ ଭୁବନେଶ୍ୱର ଯାଇ ଟିକା ନେବାକୁ ମନସ୍ଥ କରିଥିଲି। କିନ୍ତୁ ରବିବାର ଟିକା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଟୁଇଟ୍ କରାଯାଇଥିଲା। ସ୍ଲଟ୍ ବୁକିଂ କରିବା ସହ ଅନୁଗୋଳ ଷ୍ଟାଡିୟମରେ ଟିକା ନେଇଛି। ଏଠାରେ ଉତ୍ତମ ବ୍ୟବସ୍ଥା କରାଯାଇଛି।



-ସଞ୍ଜୀବ କୁମାର ସାହୁ, ତାଳଚେର

### ଟିକା ଯୋଗୁ ଆତ୍ମବିଶ୍ୱାସ ବଢ଼ିଯାଇଛି

ଟିକାକରଣରେ ଯୁବବର୍ଗଙ୍କୁ ସାମିଲ କରାଯିବା ପ୍ରକ୍ରିୟା ଜିଲାରେ ଆରମ୍ଭ ହେବା ଆନନ୍ଦର ବିଷୟ। ଏହା ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇ ଦେଇଛି। ତେଣୁ ଧର୍ଯ୍ୟହରା ନ ହୋଇ ସ୍ଲଟ୍ ବୁକିଂ କରିଥିବା ସହିତ ନିର୍ଭୟରେ ଟିକାଦାନ କେନ୍ଦ୍ରକୁ ଆସି ଟିକା ନିଅନ୍ତୁ।



-ରଘୁନାଥ ଦାସ, ଅନୁଗୋଳ

### ଫେସ୍ ଫ୍ରେମ୍ କଲେ ଭଲ ହେବ

ଅନୁଗୋଳ ଜିଲାର ୧୮ରୁ ୪୪ ବର୍ଷର ଲୋକଙ୍କ ପାଇଁ ଟିକା ଉପଲବ୍ଧ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ବିଳମ୍ବ ହେଲେ ମଧ ଯୁବପିଢ଼ି ଉତ୍ସାହିତ ଅଛନ୍ତି। ଅନୁଗୋଳ ଷ୍ଟାଡିୟମରେ ଏଥିପାଇଁ ଭଲ ବ୍ୟବସ୍ଥା ହୋଇଛି। ସେଲ୍ଫି ପଏଣ୍ଟ ସହ ଫେସ୍ ଫ୍ରେମ କରାଗଲେ ଭଲ ହୁଅନ୍ତା।



-ଶୁଚିସ୍ମିତା ଦାସ, ଅନୁଗୋଳ

### ଅଧିକ ଟିକାକରଣ ନେଇ ଉଦ୍ୟମ

ଜିଲାର ଅଧିକରୁ ଅଧିକ ଯୁବଗୋଷ୍ଠୀ କିଭଳି ସୁରୁଖୁରୁରେ ଟିକାନେବେ ସେ ନେଇ ଉଦ୍ୟମ କରାଯାଉଛି। ଅନୁଗୋଳ ଷ୍ଟାଡିୟମରେ କେବଳ ଯୁବବର୍ଗଙ୍କୁ ଟିକା ଦିଆଯାଉଥିବା ବେଳେ ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଟିକାକରଣ ଜିଲାର ଅନ୍ୟ ସ୍ଥାନରେ ଚାଲିଛି। ଯୁବବର୍ଗଙ୍କୁ ଉତ୍ସାହିତ କରିବାକୁ ସେଲ୍ଫି ପଏଣ୍ଟ ମଧ କରାଯିବ।



-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ସୁରକ୍ଷା କବଚ ଭଳି କାମ ଦେବ

ଦିଆଯାଉଥିବା ଟିକା ଯୁବବର୍ଗଙ୍କୁ ସୁରକ୍ଷା କବଚ ଭଳି କାମ ଦେବ। ଆରମ୍ଭରୁ ଜିଲାରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ପ୍ରଥମେ ଯୁବପିଢ଼ିଙ୍କ ଟିକାକରଣ କରାଯାଇଥିଲେ ଭଲ ହୋଇଥାନ୍ତା। ଟିକାନେଇ ସୁରକ୍ଷିତ ମଣୁଥିଲେ ମଧ କଟକଣା ମାନିବାକୁ ପଡ଼ିବ। ଟିକାକରଣ ପାଇଁ ପ୍ରଶାସନ ପ୍ରଶଂସାର ଯୋଗ୍ୟ।



-ଶୁଚିସ୍ମିତା ଦାଶ, ଅନୁଗୋଳ

### ବିଳମ୍ବ ପାଇଁ ବ୍ୟସ୍ତ ଲାଗୁଥିଲା

୧୮ ବର୍ଷରୁ ଅଧିକ ହୋଇଥିବାରୁ ଟିକା ନେବାକୁ ଅପେକ୍ଷା କରିଥିଲି। ହେଲେ ଜିଲାରେ ଯୁବବର୍ଗଙ୍କ ପାଇଁ ଟିକା ଉପଲବ୍ଧ ହେଉ ନ ଥିବାରୁ ବିଳମ୍ବ ହୋଇଚାଲିଥିଲା। ସେଥିପାଇଁ ବ୍ୟସ୍ତ ମଧ ଲାଗୁଥିଲା। ବିଳମ୍ବରେ ହେଉପଛେ ଟିକାନେଇଥିବାରୁ ଖୁସି ଲାଗୁଛି। ଶରୀରରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଜଣାପଡୁନାହିଁ।



-ବିଜୟଲକ୍ଷ୍ମୀ ଦାସ, ଢେଙ୍କାନାଳ

### ସ୍ଲଟ୍ ବୁକିଂ ଯୋଗୁ ସୁବିଧା

୧୮ ବର୍ଷରୁ ୪୪ ବର୍ଷଙ୍କ ଟିକାକରଣ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବାରୁ ଧନ୍ୟବାଦ ଜଣାଉଛୁ। ଦୀର୍ଘଦିନର ଅପେକ୍ଷା ପରେ ଅନ୍‌ଲାଇନରେ ସ୍ଲଟ୍ ବୁକିଂ କରି ଟିକାନେବାର ସୁବିଧା ପାଇଛୁ। ଟିକାକରଣ କେନ୍ଦ୍ରଗୁଡ଼ିକରେ ମଧ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।



-ଇତିଶ୍ରୀ ମହାକୁଡ, ଢେଙ୍କାନାଳ

### ଅଧିକ ଟିକାକରଣର ବ୍ୟବସ୍ଥା ହେଉ

ମହାମାରୀର ଦ୍ୱିତୀୟ ଲହର ଢେଙ୍କାନାଳ ଜିଲାରେ ବଢ଼ି ବଢ଼ି ଚାଲିଛି। ତେଣୁ ଜିଲାରେ ବ୍ୟାପକ ଟିକାକରଣର ଆବଶ୍ୟକତା ରହିଛି। ପ୍ରଥମ ଦିନରେ ସ୍ଲଟ୍ ମିଳିଥିବାରୁ ଖୁସି ଲାଗୁଛି। ଅଧିକରୁ ଅଧିକ ଯୁବତୀ ଯୁବକ କିପରି ଏହି ସଞ୍ଜୀବନୀ ନେଇପାରିବେ ତାହାର ବ୍ୟବସ୍ଥା କରାଯାଉ।



-ମହମ୍ମଦ ଆଫ୍ରିଦ୍, ଢେଙ୍କାନାଳ

### ପୌରାଞ୍ଚଳ ପରେ ଗ୍ରାମାଞ୍ଚଳ

ଯୁବବର୍ଗଙ୍କ ଟିକାକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୬ ହଜାର ଟିକା ପ୍ରଶାସନ ନିକଟକୁ ଆସିଥିବା ବେଳେ ଜିଲା ସଦର ମହକୁମାରେ ଟିକାଦାନ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଟିକା ଆସିଲେ ଏହି କାର୍ଯ୍ୟ ଜାରି ରହିବ। ଏବେ ପୌରାଞ୍ଚଳରେ ଟିକାଦାନ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ଏନ୍‌ଏସି ଓ ଗ୍ରାମାଞ୍ଚଳରେ ଏହି ଟିକାକରଣ କାର୍ଯ୍ୟ କରାଯିବ।



-ଭୂମେଶ ଚନ୍ଦ୍ର ବେହେରା, ଜିଲାପାଳ, ଢେଙ୍କାନାଳ

## ମୃତଦେହ ରଖି ଆନ୍ଦୋଳନ



ମୃତକଙ୍କ ପରିବାର ସଦସ୍ୟ ଜେଆଇଟିପିଏଲ ପ୍ରକଳ୍ପ ଆଗରେ ଆନ୍ଦୋଳନ କରୁଛନ୍ତି।

**କଣିହାଁ,୭।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରେଙ୍ଗସ୍ଥିତ ଜେଆଇଟିପିଏଲ ପ୍ରକଳ୍ପରେ ଗତ ୩୦ ତାରିଖରେ ଦୁର୍ଘଟଣାରେ ଟ୍ରକ୍ ଚାଳକ କାକୁଡ଼ିଆ ଗ୍ରାମର ବେଣୁଧର ମହାପାତ୍ର ଗୁରୁତର ହୋଇଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବାରୁ ପରିବାର ଲୋକେ ସୋମବାର ମୃତଦେହ କମ୍ପାନୀ ଫାଟକ ସମ୍ମୁଖରେ ରଖି ପରିବାରର ଜଣଙ୍କୁ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ଖବରପାଇ କଣିହାଁ ତହସିଲଦାର ପତିତପାବନ ଦେବତା, ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଡେରଙ୍ଗ ଫାଣ୍ଡି ଅଧିକାରୀ ମୀନକେତନ ପ୍ରଧାନ ପହଞ୍ଚି ବୁଝାଶୁଝା କରିଥିଲେ। ଏହାପରେ ପ୍ରକଳ୍ପ କର୍ତ୍ତୃପକ୍ଷ କୋଇଲା ପରିବହନ ସଂସ୍ଥାର ଅଧିକାରୀଙ୍କ ସହିତ କଥା ହେବା ପରେ ଏକ ବୈଠକ ବସିଥିଲା। ବୈଠକରେ ମୃତକଙ୍କ ସ୍ତ୍ରୀ ରଜନୀ ମହାପାତ୍ର, ବାପା ବିବେକାନନ୍ଦ ମହାପାତ୍ରଙ୍କ ସହିତ ଭଦ୍ରବ୍ୟକ୍ତି ପରମାନନ୍ଦ ସାହୁ, ବାବୁଲା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଧାନ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷତିପୂରଣ ବାବଦରେ ୯ ଲକ୍ଷ ୫୦ ହଜାର ଟଙ୍କା ସହିତ ମୃତକଙ୍କ ପୁଅକୁ ଠିକାଶ୍ରମିକ ଭାବେ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଅପରାହ୍ନରେ ମୃତଦେହ ଉଠିଥିଲା।

## ୩୯୦୦ ଟଙ୍କା ଜରିମାନା ଆଦାୟ

**ବଇଣ୍ଡା,୭।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ସୋମବାର ଲକ୍‌ଡାଉନ ବେଳେ କଟକଣା ଉଲ୍ଲଂଘନ ଅଭିଯୋଗରେ ବଇଣ୍ଡା ଓ ଠାକୁରଗଡ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ କରିଥିଲା। ଏହିସମୟରେ ୩୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବଇଣ୍ଡା ଅଞ୍ଚଳରେ କିଶୋରନଗର ଅତିରିକ୍ତ ତହସିଲଦାର କୁଳମଣି ଦଳେଇ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରି ବିନାମାସ୍କରେ ବୁଲୁଥିବା ୮ ଜଣଙ୍କଠାରୁ ୧୬୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦଳେଇ, ଠାକୁରଗଡ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା ଚଢାଉ କରି ୨୩୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଏଥିସହ ବିଭିନ୍ନ ଦୋକାନରେ ସାମାଜିକ ସୁରକ୍ଷା ଉପରେ ଯାଞ୍ଚ କରାଯାଇଥିଲା। ମଙ୍ଗଳବାର ମଧ୍ୟ ପ୍ରଶାସନ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯିବ।

## ଇଟାଭାଟି ମାଲିକଙ୍କ ମୃତ୍ୟୁ ପଛରେ ବଡ଼ଭାଇ

**କଣିହାଁ,୭।୬(ଡି.ଏନ.ଏ.)**



ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

- ଷଡ଼ଯନ୍ତ୍ର କରି ବିଦ୍ୟୁତ୍ ତାର ବିଛାଇଥିଲେ
- ୨ ଜଣଙ୍କୁ ୨ ଲକ୍ଷ ଟଙ୍କା ଦେବାକୁ କହିଥିଲେ
- ୩ ଅଭିଯୁକ୍ତ ଗିରଫ ପରେ କୋର୍ଟଚାଲାଣ

ଅନୁଗୋଳ ଜିଲା କଣିହାଁ ଥାନା ଦୁର୍ଗାପୁର ଗ୍ରାମର ଇଟାଭାଟି ମାଲିକ ଅଭୟ ଦେହୁରୀଙ୍କ ଗତ ୩୦ ତାରିଖରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତ ବେଳେ ଏହା ହତ୍ୟା ବୋଲି ଜାଣିବାକୁ ପାଇଛି। ଅଭୟଙ୍କୁ ତାଙ୍କ ବଡ଼ଭାଇ ଷଡ଼ଯନ୍ତ୍ର କରି ମାରିଥିବା ପୋଲିସ ରହସ୍ୟ ଉନ୍ମୋଚନ କରିଛି। ଏଥିସହ ଅଭୟଙ୍କ ବଡ଼ଭାଇ ତଥା ମୁଖ୍ୟ ଅଭିଯୁକ୍ତ ବିଜୟ ଦେହୁରୀ, ତାଳପଦା ଗ୍ରାମର ମିଥୁନ ନାଏକ ଓ ମଧୁ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ କଣିହାଁ ଥାନାରେ ନଂ. ୧୫୦/୨୦୨୧ରେ ମାମଲା ରୁଜୁ ହୋଇଛି।

ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ବିଜୟ ନିଜ ସାନଭାଇ ଅଭୟଙ୍କୁ ମାରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ନିକଟସ୍ଥ ତାଳପଦା ଗ୍ରାମର ମିଥୁନ ନାଏକ ଓ ମଧୁ ନାଏକଙ୍କୁ ସେ ୨ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଦୁଇ ଅଭିଯୁକ୍ତଙ୍କ ମାଧ୍ୟମରେ ବିଜୟ ୧୧ କେଭି ବିଦ୍ୟୁତ୍ ତାରରେ ହୁକ ପକାଇ ରାସ୍ତାରେ ବିଛାଇଥିଲେ। ସେହି ସମୟରେ ଅଭୟ ଘରକୁ ଫେରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି।

## ଉପଜିଲାପାଳଙ୍କୁ ବସ୍ତିବାସିନ୍ଦାଙ୍କ ଦାବିପତ୍ର

**ହିନ୍ଦୋଳ,୭।୬(ଡି.ଏନ.ଏ.)**

ହିନ୍ଦୋଳ ଏନ୍‌ଏସି ୧୫ ନଂ. ୱାର୍ଡ ଆଲୁସିଂ କୁଳିଆତୋଟା ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରିବାକୁ କିଛି ଦିନ ତଳେ ଏନ୍‌ଏସି କର୍ତ୍ତୃପକ୍ଷ ତାଗିଦ୍ କରିଥିଲେ। ଏହାକୁ ନେଇ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ବସ୍ତି ବାସିନ୍ଦା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଦୀର୍ଘବର୍ଷ ଧରି ସେମାନେ ଏଠାରେ ବସବାସ କରି ଆସୁଛନ୍ତି। ସମସ୍ତେ ହରିଜନ ସମ୍ପ୍ରଦାୟର ଏବଂ ଦିନ ମଜୁରିଆ। ଏଣୁ ସେମାନଙ୍କୁ ଉଚ୍ଛେଦ କରିବା ପରିବର୍ତ୍ତେ ସରକାରଙ୍କ ଜାଗା ମିଶନ ଯୋଜନାରେ ଘର ଡିହ ପଟ୍ଟା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଉପଜିଲାପାଳ ଉଦୟ କୁମାର ମହାପାତ୍ର ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବସ୍ତିବାସିନ୍ଦା।

## ପଜିଟିଭ୍‌ର ଦିନକ ପରେ ନେଗେଟିଭ୍

**ବଇଣ୍ଡା,୭।୬(ଡି.ଏନ.ଏ.)**

- ଠିକ୍ ଭାବେ ହେଉନି କୋଭିଡ୍ ଟେଷ୍ଟ
- କିଶୋରନଗର ବ୍ଲକରେ ଅସନ୍ତୋଷ
- ୧୭୦ ଜଣଙ୍କୁ ଦିଆଗଲା ପ୍ରଥମ ଡୋଜ୍



ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।

କିଶୋରନଗର ବ୍ଲକରେ କରୋନାକୁ ନିୟନ୍ତ୍ରଣ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଗ୍ରାମରେ ସ୍ୱାବ୍ ଟେଷ୍ଟ କରାଯାଉଥିବାବେଳେ ଠିକ୍ ରିପୋର୍ଟ ମିଳୁ ନ ଥିବାକୁ ନେଇ ଅସନ୍ତୋଷ ଦେଖାଯାଇଛି। ଏପରି କି ପଜିଟିଭ୍ ଚିହ୍ନଟ ହେବାର ଦିନକ ପରେ କେତେଜଣ ପୁନଃ ପରୀକ୍ଷାରୁ ନେଗେଟିଭ୍ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୫ ତାରିଖରେ ଭେଜିଗୋଠ ଗ୍ରାମରେ ୮୫ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସେଥିରୁ ୫୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛି ଲକ୍ଷଣ ନ ଥିବା ସତ୍ତ୍ୱେ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଗ୍ରାମର ବ୍ରଜବନ୍ଧୁ ସାହୁ, ସତ୍ୟବ୍ରତ ପ୍ରଧାନ, ଜୟନ୍ତ ବିଶ୍ୱାଳ, ବାପୁନ ସାହୁ, ରବିବାର ଆଠମଲ୍ଲିକ ଉପଖଣ୍ଡ ମେଡିକାଲରେ ପୁଣି ଥରେ ସ୍ୱାବ୍ ଟେଷ୍ଟ କରାଇଥିଲେ। ସେଠାରେ ସେମାନଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ଅସନ୍ତୋଷ ଦେଖାଯାଇଛି। ଏହାକୁ ନେଇ ଗ୍ରାମରେ ଚିହ୍ନଟ ହୋଇଥିବା କେତେଜଣ ଆକ୍ରାନ୍ତ ବୁଲୁଥିବା ଯୋଗୁ ଭୟର ବାତାବରଣ ଦେଖାଯାଇଛି। ଠିକ ଭାବରେ ଟେଷ୍ଟ କରାଯାଉ ନ ଥିବା ଭେଜିଗୋଠ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବୈଷ୍ଣବ ସାହିରେ ୧୦୦ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୧୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି। ଅଶ୍ରୁବାହଳ ଗ୍ରାମରେ ୭୫ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ବେଳେ ୮ ଜଣଙ୍କ ପଜିଟିଭ୍ ବାହାରିଥିବା ଜଣାପଡିଛି। ସେହିପରି ସଞ୍ଜାମୁରା ପ୍ରାଥମିକ ବିଦ୍ୟାଳୟରେ ୧୭୦ ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଛି।

